

୩୦/୫/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୦,୬୬୬/-
ସୁନା: ୦୦.୨୩୦ ଗ୍ରାମ୍
ରୁପା: ୪୮.୭୫୦ ଗ୍ରାମ୍

# ସିଟି ଶ୍ରୀକ୍ଷେତ୍ର







ରଥଖଳା ଚଳଚଞ୍ଚଳ: ମହାରଣା ସେବକମାନେ ଚଉପାଟ କାର୍ଯ୍ୟରେ ନିମଗ୍ନ

## ନିମାପଡ଼ା, କାକଟପୁରରେ ସରିଲା ପ୍ରଚାର

# ଶାନ୍ତିଶୃଙ୍ଖଳାରେ ମତଦାନକୁ ଗୁରୁତ୍ୱ



ପୁରୀ, ୩୦।୫(ସମିସ)

ସରିଗଲା ନିର୍ବାଚନୀ ପ୍ରଚାର। ନିମାପଡ଼ା ଏବଂ କାକଟପୁର ବଜାର ସମେତ ଦୁଇ ନିର୍ବାଚନମଣ୍ଡଳୀର ଗଳିକନ୍ଦି, ସାହିବସ୍ତି ଏବଂ ଗାଁଗହଳିରେ ବୁଲୁଥିବା ପ୍ରଚାର ଗାଡି ଗୁରୁବାର ସନ୍ଧ୍ୟାରୁ ଗଡ଼ିବା ବନ୍ଦ କରିଦେଇଛି। ଆଉ ଶୁଭୁନି ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ନେଇ ବାଜୁଥିବା ଗୀତ। ଏବେ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ। ପ୍ରଚାରର ଶେଷ ଦିବସରେ ପ୍ରାର୍ଥୀ ଏବଂ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଦିନତମାମ୍ ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାର କରି ଝାଳନାଳ ହୋଇପଡ଼ିଛନ୍ତି। ଗୋଟିଏ ଦିନ ହିଁ ଭୋଟରଙ୍କୁ ମନେଇବା ପାଇଁ ସେମାନଙ୍କ ହାତରେ ସୁଯୋଗ ଥିବାରୁ ଏହାକୁ କେହି ହାତଛଡ଼ା କରିବାକୁ ଚାହିଁ ନାହାନ୍ତି। ବିଭିନ୍ନ ପ୍ରକାର କଥା କହି ଭୋଟରଙ୍କୁ ନିଜ ସପକ୍ଷରେ ମତଦାନ ପାଇଁ ଅନୁରୋଧ କରିଛନ୍ତି। ଦୁଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ଜନହିତକର ଯୋଜନା, ବିଜୁ ଜନତା ଦଳର ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ସାଧାରଣଜନତାଙ୍କୁ ବୁଝାଇ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ ମଧ୍ୟ ଶୋଭାଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ତେବେ ଆସନ୍ତା ଶନିବାର ହେବାକୁ ଥିବା ମତଦାନ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏ ନେଇ ପୁରୀ ପୁଲିସ ନିଜକୁ ପ୍ରସ୍ତୁତ କରିଦେଇଛି। ତେବେ ଶୃଙ୍ଖଳିତ ମତଦାନ ପାଇଁ ୫୧ଟି ମୋବାଇଲ ପାର୍ଟି, ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ପାଇଁ ୧୧ଟି ସ୍ୱତନ୍ତ୍ର ମୋବାଇଲ ପାର୍ଟି ସମେତ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୨୦ ଜଣ ଇନ୍ସପେକ୍ଟର, ୧୩୭ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୬୩ ଜଣ ହାବିଲଦାର, ୪୫୭ କନଷ୍ଟେବଳ, ୩୧୨ ଜଣ ହୋମ୍‌ଗାର୍ଡ, ୧୩୧ ଗ୍ରାମରକ୍ଷୀଙ୍କ ସମେତ ୮୮ ସେକ୍ସନ ଫୋର୍ସ ମୁତୟନ ହେବେ।

**ନିୟୋଜିତ ହେବେ ୮୮ ସେକ୍ସନ ଫୋର୍ସ**

## ଆଇନ ସଚେତନତା ଶିବିର

ପୁରୀ, ୩୦।୫(ସମିସ)

ପୁରୀ ଜିଲ୍ଲା ଆଇନସେବା ପ୍ରକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ଲୋକନାଥ ରୋଡ ନିକଟ ବାରବାଟୀ କଲ୍ୟାଣୀ ମଣ୍ଡପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକ ଉଦ୍‌ଘାଟନ କରି ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୬ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇଥିଲେ। ଏଥିସହ ଆଇନ ସେବା କ'ଣ ଏବଂ କିଏ ପାଇବାକୁ ଯୋଗ୍ୟ ସେ ବିଷୟରେ ଆଲୋଚନା କରିଥିଲେ।

ସେମାନେ କିପରି ଟୋଲ ଫ୍ରି ନମ୍ବର ୧୫୧୦୦ ମାଧ୍ୟମରେ ନିଜର ବିଭିନ୍ନ ସମସ୍ୟାର ପରାମର୍ଶ ଓ ବିଭିନ୍ନ ଆଇନ ସେବା ପାଇପାରିବେ ସେ ବିଷୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେହି ଅଞ୍ଚଳର ଉପସ୍ଥିତ ଥିବା ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀ ସହଯୋଗ କରିଥିଲେ।

# ଜଙ୍ଗଲ କ୍ଷୟ ଯୋଗୁଁ ବିଗୁଡ଼ୁଛି ପରିବେଶ

ପୁରୀ, ୩୦।୫(ସମିସ)

ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ମଇ ୩୦ ତାରିଖଠାରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଣୀସତୀ ଭବନଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ସାମ୍ପ୍ରତିକ ବିଶ୍ୱର ପରିବେଶ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଣିଷ ନିଜର ସ୍ୱାର୍ଥ ସାଧନ ନିମନ୍ତେ ପରିବେଶକୁ ବିପର୍ଯ୍ୟସ୍ତ କରିବାରେ ଲାଗିଛି, ଯାହା ସଂସାରକୁ ବିପଦ ମୁହଁକୁ ଟାଣି ନେଉଛି। ପ୍ରତିବର୍ଷ ଭାରତରେ ୨ ଲକ୍ଷରୁ ଅଧିକ ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରକାରର ସଂକ୍ରମିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ବିଶେଷ କରି ଓଡ଼ିଶାର ଝାରସୁଗୁଡା, ତାଳଚେର, ଅନୁଗୁଳ ଓ କେନ୍ଦୁଝର ଇତ୍ୟାଦି ଶିଳ୍ପାଞ୍ଚଳ ଜିଲ୍ଲାରେ କୋଇଲା ଗୁଣ୍ଡ, ଧୂଆଁ ଓ ଧୂଳି ଯୋଗୁ ଆତଙ୍କିତ ଓ ରୋଗଗ୍ରସ୍ତ ହେଉଛନ୍ତି। ଆମ ରାଜ୍ୟରେ ଜଙ୍ଗଲ କ୍ଷୟ ଯୋଗୁ ଦିନକୁ ଦିନ ପରିବେଶ ବିଗିଡିବାରେ ଲାଗିଛି। କିଛିବର୍ଷ ଧରି ଉତ୍ତାପ ବୃଦ୍ଧି ପାଉଥିବାରୁ ଜନଜୀବନ ଅତିଷ୍ଠ ଓ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି ବୋଲି କହିଥିଲେ।

ପ୍ରାରମ୍ଭରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପରିବେଶ ସପ୍ତାହର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଚକ୍ରଧର ମହାପାତ୍ର, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶଙ୍କ ସମେତ ମୁଖ୍ୟବକ୍ତା ଭାବେ ଐତିହାସିକ ମଦନମୋହନ ମହାପାତ୍ର, ପରିଷଦର ଉପାଧ୍ୟକ୍ଷା ଶାନ୍ତିଲତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ପରିଷଦ ସଭାପତି ତଥା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର। ଆୟୋଜିତ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ନିଜ ନିଜର ମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ଅଶୋକ କୁମାର ମିଶ୍ର ଓ ତପନ କୁମାର ସେଠୀ। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅସ୍ତରଙ୍ଗ ବ୍ଲକ୍ ବେଳାଭୂମି ଉଚ୍ଚ ବିଦ୍ୟାଳୟ ଛୁରିଆନାର ଶୁଭମ୍ ସାହୁ ୫୫୨ ନମ୍ବର ରଖି ମାଟ୍ରିକ୍ ବ୍ଲକ୍ ଟପ୍ପର ହୋଇଛନ୍ତି। ତାଙ୍କୁ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଛି।

## ନଦୀ ଅବବାହିକାରେ ଲାଗୁନି ଫାଶୀ ଗଛ

**ପୁରୀ, ୩୦।୫(ସମିସ):** ରଥ ନିର୍ମାଣ ପାଇଁ ଫାଶି ଗଛ ଅଭାବ ନେଇ ୨୦୧୫ ନବକଳେବର ବର୍ଷରେ ବେଶ୍ ଚର୍ଚ୍ଚା ହୋଇଥିଲା। ରଥଯାତ୍ରା ସମନ୍ୱୟ ବୈଠକରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଉପରେ ପ୍ରଶ୍ନବାଚୀ ଉଠିବାରୁ ପାଞ୍ଚଜଣିଆ ଅନୁସନ୍ଧାନ କମିଟି ଗଢା ଯାଇଥିଲା। ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ବଦ୍ରି ମିଶ୍ର ଓ ମଧୁସୂଦନ ମିଶ୍ର ପ୍ରମୁଖ କମିଟି ସଦସ୍ୟ ନୟାଗଡ଼ ଓ ଖଣ୍ଡପଡ଼ା ବନ ପ୍ରକଳ୍ପ ବୁଲି ଦେଖିଥିଲେ। ସାଥୀରେ ନୟାଗଡ଼ ଡିଏଫ୍‌ଓ ମଧ୍ୟ ଥିଲେ। ଭବିଷ୍ୟତ ରଥଯାତ୍ରାରେ ଆବଶ୍ୟକ ଫାସିକାଠ ପାଇଁ ଏହି କମିଟି ବିଭିନ୍ନ ପ୍ରସ୍ତାବ ସହ ପୁରୀର ପ୍ରାଚୀ, ଭାର୍ଗବୀ ଓ ଦୟାନଦୀ ଅବବାହିକାରେ ପରୀକ୍ଷାମୂଳକ ଭାବେ ଫାଶୀଗଛ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ। ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି, ହେଲେ ଗଛ ଲାଗିପାରି ନାହିଁ। ଏ ନେଇ ବୁଧବାର କମିଟିର ଦୁଇ ସଭ୍ୟ ବଦ୍ରି ମିଶ୍ର ଓ ମଧୁସୂଦନ ମିଶ୍ର ପୁରୀ ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ବିଶ୍ୱ ଟାଏକୋଣ୍ଡୋ ଟ୍ରେନିଂ ପ୍ରୋଗ୍ରାମ

## ଦକ୍ଷିଣ କୋରିଆ ଗଲେ ପୁରୀର ୨ ପ୍ରଶିକ୍ଷକ

**ପୁରୀ, ୩୦।୫(ସମିସ):** ଆସନ୍ତା ୩୧ରୁ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆ ଦେଶର ମୁଞ୍ଜୁ ସହରଠାରେ ଅନୁଷ୍ଠିତ ହେବାକୁ ଯାଉଛି ବିଶ୍ୱ ଟାଏକୋଣ୍ଡୋର ପ୍ରଶିକ୍ଷଣ ଶିବିର। ଏଥିରେ ସାରା ବିଶ୍ୱର ବଛା ବଛା ପ୍ରଶିକ୍ଷକ ଯୋଗଦାନ କରି ସେମାନଙ୍କ ଦେଶର ଟାଏକୋଣ୍ଡୋ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏକ ନୂତନ ସୋପାନରେ ଆଗେଇ ନେବାର ଲକ୍ଷ୍ୟ ରହିଛି। ଏଥିଲାଗି ପୁରୀରୁ ପ୍ରଥମଥର ଦୁଇଜଣ ପ୍ରଶିକ୍ଷକ ମନମୋହନ ଭଞ୍ଜ ଓ ଅଭିଜିତ ସାହୁଙ୍କୁ ମନୋନୀତ କରାଯାଇଥିବାରୁ ଏହା ଓଡ଼ିଶା ତଥା ଶ୍ରୀକ୍ଷେତ୍ର ପାଇଁ ଗର୍ବର ବିଷୟ। ଶ୍ରୀ ଭଞ୍ଜ ୨୦୨୩ ଜୁଲାଇରେ ଅନ୍ତର୍ଜାତୀୟ ମାଷ୍ଟର ଇନ୍‌ଷ୍ଟ୍ରକ୍ଟର ଏବଂ ବ୍ଲାକ ବେଲ୍ଟ ପରୀକ୍ଷକ ଭାବେ କୃତକାର୍ଯ୍ୟ ହୋଇଥିଲେ। ସେ ମଧ୍ୟ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ଅଛନ୍ତି। ସେହିଭଳି ଶ୍ରୀ ସାହୁ ଜାତୀୟସ୍ତରର ଜଣେ ସୁନାମଧନ୍ୟ ପ୍ରଶିକ୍ଷକ। ଯେଉଁ ହାତଗଣତି ଓଡ଼ିଆ ଟାଏକୋଣ୍ଡୋ ଖେଳାଳି ଏନ୍‌ଆଇଏସ୍ କୋଚିଂ ପାଠ୍ୟକ୍ରମ ସାରିବାରେ ସଫଳ ହୋଇଛନ୍ତି ସେମାନଙ୍କ ମଧ୍ୟ ଶ୍ରୀ ସାହୁ ଅନ୍ୟତମ। ସେ ଦି ସ୍କୁଲ୍ ଅଫ୍ ଟାଏକୋଣ୍ଡୋ ନାମରେ ଏକ ଏକାଡେମୀ ସ୍ଥାନୀୟ ଗୋପାଳ ବଲ୍ଲଭ ରୋଡଠାରେ ସ୍ଥାପନ କରି କିଛି ନବାଗତ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତେବେ ଦୁଇଜଣଙ୍କ ଏହି ସଫଳତା ପାଇଁ ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଓଡ଼ିଶା ଟାଏକୋଣ୍ଡୋ ସଂଘ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ ଓ ସଂଘର ସମସ୍ତ ପଦାଧିକାରୀ ଶୁଭେଚ୍ଛା ଜଣାଇବା ସହ ଉଭୟଙ୍କ ସଫଳତା କାମନା କରିଛନ୍ତି। ଉଭୟେ ଗୁରୁବାର ସକାଳ ୮ଟାରୁ ପୁରୀରୁ ଯାତ୍ରା କରିଛନ୍ତି।



### ଭଉଁରୀ ଯାତ୍ରା ଅଘଟଣ

# ବାଣ ବ୍ୟାନ ପାଇଁ ମନ୍ଦିର ପ୍ରଶାସନକୁ ଲେଖାଯିବ ଚିଠି

ପୁରୀ, ୩୦।୫(ସମିସ)

ବୁଧବାର ରାତିରେ ପୁରୀରେ ଘଟିଥିଲା ହୃଦୟ ବିଦାରକ ଘଟଣା। ଭଉଁରୀ ଯାତ୍ରା ବେଳେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଭଉଁରୀ ଯାତରେ ଏତେ ସଂଖ୍ୟକ ବାଣ କିଏ ଆଣିଥିଲା ବୋଲି ଏବେ ଉଠୁଛି ପ୍ରଶ୍ନ। ତେବେ ପ୍ରତିବର୍ଷ ମହାପ୍ରଭୁଙ୍କ ଭଉଁରୀ ବେଳେ ଅଳ୍ପ କିଛି ଛୋଟମୋଟ ବାଣ ଫୁଟାଯାଏ। ହେଲେ ଏ ବର୍ଷ ବିପୁଳ ସଂଖ୍ୟାରେ କିଏ ବାଣ ଆଜି ଶ୍ରଦ୍ଧାଳୁ ବସିଥିବା ଜାଗାରେ ରଖି ଫୁଟାଉଥିଲା ତାହାକୁ ନେଇ ଅନୁଧ୍ୟାନ ଚାଲିଛି। ଅନ୍ୟପକ୍ଷରେ ଏଣିକି ଭଉଁରୀ ଯାତ୍ରାରେ ବାଣ ବ୍ୟାନ ହେବ ବୋଲି କହିଛନ୍ତି ଜଣେ ପରିଚାଳନା କମିଟି ସଦସ୍ୟ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏତେ ଟଙ୍କାର ବାଣ କିଏ କିଣିଥିଲେ। ଯଦି କିଣି ଭଉଁରୀରେ ଫୁଟାଇବାର ଥିଲା ତେବେ ତାଙ୍କୁ ଅନୁମତି ଦେଇଥିଲା କିଏ। ଏବେ ନରେନ୍ଦ୍ର ପୁଷ୍କରିଣୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପରେ ଚାରିପାଖରେ ହଜାର ହଜାର ଶ୍ରଦ୍ଧାଳୁ ବସିବାର ସୁବିଧା ହୋଇଛି। ବୁଧବାର ନରେନ୍ଦ୍ରରେ ମହାପ୍ରଭୁଙ୍କର ୨୧ ଘେରା ରାତିଚାପ ଥିବାରୁ ହଜାର ହଜାର ଭକ୍ତ ଚାପ ଦେଖିବା ପାଇଁ ଆସିଥିଲେ। ଭକ୍ତଙ୍କ ଗହଳି ଭିତରେ ବାଣ ଫୁଟି ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି।

## ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା




ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳବେଳେ ଘଟିଥିବା ବାଣ ବିସ୍ଫୋରଣ ଜନିତ ଦୁର୍ଘଟଣାରେ ୩ ଜଣଙ୍କ ଅକାଳ ବିୟୋଗ ଘଟିଛି। ଅନେକ ପୁରୀ, କଟକ, ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଯେଉଁମାନେ ଚିକିତ୍ସିତ ହେଉଛନ୍ତି ସେମାନେ କିପରି ଆଶୁ ଆରୋଗ୍ୟ ଲାଭ କରିବେ ତା' ଉପରେ ସମସ୍ତଙ୍କର ଫୋକସ ରହିଛି। ତେବେ ଇହଧାମ ତ୍ୟାଗ କରିଥିବା ଆତ୍ମାର ସଦ୍‌ଗତି କାମନା ସହ ଆହତ ଯଥାଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି ଉର୍ଜ୍ଜାବାନ ଓଡ଼ିଶା ପରିବାର। ଏ ନେଇ ସିଂହଦ୍ୱାରରେ ସମସ୍ତେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ସନ୍ତୋଷୀ ଭୋଇ, ମୁସ୍କାନ ମୁଷ୍ଟୁ, ରାଜକୁମାରୀ ସାହା, ତିଳତ୍ତମା ଧଳ, ଦିଲ୍ଲୀପ ଚିଂନେରା, ରଶ୍ମି ରଞ୍ଜନ ନାୟକ, ଆଶିଷ ସାହୁ, ତ୍ରିଲୋଚନ ଦାଶ, ଜଗନ୍ନାଥ ପଣ୍ଡା, ସମ୍ବିତ ଅମିତାଂଶୁ ପ୍ରମୁଖ ଉପସ୍ଥିତ ଥିଲେ।

ନିମାପଡ଼ା ନିର୍ବାଚନ ମଣ୍ଡଳୀ

# ପ୍ରଚାରର ଶେଷ ଦିନରେ କମ୍ପିଲା ଗାଁଠୁ ସହର





**ନିମାପଡ଼ା, ୩୦।୫(ସମିସ):**

ଆଉ ଦିନକ ପରେ ହେବ ନିର୍ବାଚନ। ଏଠାରେ ବିଭିନ୍ନ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପୁଛି ନିମାପଡ଼ା ନିର୍ବାଚନ ମଣ୍ଡଳୀ। ତେବେ ଏଠାରେ ଯାହା ଜଣାପଡୁଛି ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ହେବ କଡା ମୁକାବିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିମାପଡ଼ାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବେ। ବିଭିନ୍ନ ସମସ୍ୟାର ସମାଧାନ ଖୁବ ଶୀଘ୍ର ହେବ ବୋଲି କହିଛନ୍ତି ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ। ଏହି ପରିପକ୍ଷରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲିପ ନାୟକ ତାଙ୍କର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ସୂଚନା ପ୍ରଦାନ କରିବା ସହ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପ୍ରଚାର ଜୋର୍‌ଦାର କରିଥିଲେ। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଶେଷ ଦିନରେ ୧୮ ନମ୍ବର ଜୋନ ଉଚ୍ଛୁପୁରୁ, ନୁଆସନ୍ଥ, ବଳଙ୍ଗା, ଗୋପିନାଥପୁର ନିମାପଡ଼ା ଏନ୍‌ଏସି ଓ ବିଭିନ୍ନ ପଞ୍ଚାୟତରେ ବିଜେଡି ପ୍ରାର୍ଥୀ ଦିଲ୍ଲୀପ ନାୟକ, ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡ଼ା, ରୋଜାଲିନ ନାୟକ, ଅରୁଣ ସାହୁ, ମନୋ ରଞ୍ଜନ ପରିଡ଼ା ପ୍ରମୁଖ ପ୍ରଚାରକୁ ଜୋରଦାର କରିଥିଲେ। ବିଜୁ ଜନତା ଦଳ ତରଫରୁ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିତି ଆଦର୍ଶ ତଥା ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ସମ୍ପର୍କରେ ଅବଗତ କରାଇବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପ୍ରାର୍ଥୀଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

## ନୟାହାଟ ଅଞ୍ଚଳରେ ପ୍ରଚାର ଜୋରଦାର

**ନୟାହାଟ, ୩୦।୫(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ୧୪ନମ୍ବର ଜୋନରେ ଥିବା ୭ଟି ପଞ୍ଚାୟତ ଯଥା ଧୂମାଲ, ଜଙ୍ଗବୋରୀ, ଇସାଣପୁର, ଦେସ୍ଥଳୀ, ସୋରଭା, ବଉଲାଙ୍ଗ, ଶିମିଳି ପଞ୍ଚାୟତରେ କଂଗ୍ରେସ ଓ ବିଜେପି, ବିଜେଡିର ପ୍ରଚାର ଜୋରଦାର ଚାଲିଥିବା ବେଳେ ବିଜେପିର ଆଖିଦୃଶିଆ ପ୍ରଚାର ନାହିଁ। ନୟାହଟ ଅଞ୍ଚଳ କାକଟପୁର ନିର୍ବାଚନ ମଣ୍ଡଳୀରେ ଯାଉଥିବା ବେଳେ ଗୋପ ବ୍ଲକର ୧୪ଟି ପଞ୍ଚାୟତରେ ଜୋରଦାର ଲଢେଇ ହେବ ବୋଲି ଭୋଟର ମାନେ କହୁଥିବା ବେଳେ ତୃତୀୟ ସ୍ଥାନକୁ ବିଜେପି ଆସିବ ବୋଲି ଅନୁମାନ କରାଯାଉଛି। ପ୍ରକାଶ ଯେ ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରାଙ୍କ ଘର ଅସ୍ତରଙ୍ଗ, କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କ ଘର କାକଟପୁର। ୨ ପ୍ରାର୍ଥୀଙ୍କ ଘର ନିଜ ମାଟି କାକଟପୁର ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ବିଜେପି ପାର୍ଥୀ ବାଇଧର ମଲ୍ଲିକଙ୍କ ଘର ନିମାପଡ଼ା ହୋଇଥିବାରୁ କାକଟପୁରବାସୀ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ବହୁ ଭୋଟରଙ୍କ ମତ ନେବାପରେ କାକଟପୁରର ମାଟିର ପୁଅକୁ ଭୋଟ ଦେବେ ବୋଲି କହିଛନ୍ତି।

● ଜଙ୍ଗଲବୋରୀ ଓ ଧୂମାଳ ପଞ୍ଚାୟତ

# ଘରକୁ ଘର ବୁଲି ମନ୍ତ୍ରୀଙ୍କ ପତ୍ନୀ କଲେ ଭୋଟ ଭିକ୍ଷା



**ନୟାହାଟ, ୩୦।୫(ସମିସ):** ଜୁନ ୦୧ତାରିଖରେ କାକଟପୁର ବିଧାନସଭା ଓ ଜଗତସିଂହପୁର ଲୋକସଭାରେ ମତଦାନ ହେବ। ପ୍ରଚାରର ଶେଷ ଦିନ ଗୁରୁବାର ଦିନ ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରୀ ଓ ଧୂମାଳ ପଞ୍ଚାୟତରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଧର୍ମପତ୍ନୀ ନନ୍ଦିନୀ ବେହେରା, ୧୪ନଂ ଜୋନ୍‌ର ଜିଲ୍ଲା ଜିଲ୍ଲାପରିଷଦ ସଭ୍ୟା ସାଗରିକା ନାୟକ ଘରକୁ ଘର ବୁଲି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଲୋକ କଲ୍ୟାଣ ଯୋଜନାରେ ଜୁଲାଇ ପହିଲାରୁ ୧୦୦ୟୁନିଟ୍ ଓ ପ୍ରତି ମହିଳାଙ୍କୁ ଭତ୍ତା ପ୍ରଦାନ ସମ୍ପର୍କରେ ବୁଝାଇ ଭୋଟ ଭିକ୍ଷା କରିଥିଲେ। ତାଙ୍କ ସହିତ ଜଙ୍ଗଲବୋରୀ ବିଜେଡି ସଭାପତି କାହ୍ନୁଚରଣ ସାହୁ, କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, ଧନ ସାହୁ, ଡାନି ମହାନ୍ତି, କାଶିନାଥ ନାୟକ, ଶିବ ଓଝା, କାର୍ତ୍ତିକ ବେହେରା, ଆଲୋକ ସାହୁ, କାନନ ଓଝା, ୱାର୍ଡ ସଭ୍ୟ ମୁନା ହାଣ୍ଡି, ସନ୍ତୋଷ ସାହୁ, ସନ୍ତୋଷ ପାତ୍ର ଓ ଧୂମାଳର ଯୁବ ନେତା ଅଭିମନ୍ୟୁ ସିଂହ, ସମସୁଲୁ ଆରଫିନ, ନାଏବ ସରପଞ୍ଚ ଅଶୋକ କୁମାର ସାହୁ, ବିଜେଡି ସଭାପତି ଆଲୋକ ରାୟ, ସମିତି ସଭ୍ୟାଙ୍କ ପ୍ରତିନିଧି ସହଦେବ ମାଣିକ ପ୍ରମୁଖ ଶତାଧିକ କର୍ମୀ ଶିଙ୍ଗପାନିଆ, ମିର୍ଜାସାଇ, ବିଶୁଲିପଡ଼ା, ବରଗଡ଼ା, ଚଢେଇଖିଆ, ଧୂମାଳ, ନୟାହାଟ ବଜାର ପ୍ରମୁଖ ଅଞ୍ଚଳ ବୁଲି ଶଙ୍ଖ ଚିହ୍ନକୁ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

## ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**କୁଣ୍ଢେଇ, ୩୦।୫ (ସମିସ)** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଶ୍ୱେତପଦ୍ମା ତ୍ରିପାଠୀ ୫୭୫ ନମ୍ବର ବ୍ଲକ ଟପ୍ପର ସହିତ ପୁରୀ ଜିଲ୍ଲା ଟପ୍ପର ହୋଇଥିବାରୁ 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ଜୟଦେବ ଭବନ ଠାରେ ଆୟୋଜିତ ମାଟ୍ରିକ୍ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଛି। କାକଟପୁର ଆଞ୍ଚରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଶ୍ୱେତପଦ୍ମାଙ୍କ ପିତାମାତାଙ୍କ ସହିତ କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ବିଦ୍ୟାମନ୍ଦିର ସଭାପତି ପ୍ରସାଦ କିଶୋର ପୃଷ୍ଟି, ସମ୍ପାଦକ ପ୍ରଭାକର ଖୁଣ୍ଟିଆଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀଗୁରୁମାଙ୍କ ପକ୍ଷରୁ 'ସକାଳ' ଓ ନନ୍ଦିଘୋଷ ଟିଭି ପରିବାରକୁ ଧନ୍ୟବାଦ ଜଣାଇଛନ୍ତି।

## ବିଦ୍ୟାଧରପୁର ପଞ୍ଚାୟତ ସଭାଗୃହରେ କବିତା ପାଠୋତ୍ସବ

**ସାକ୍ଷୀଗୋପାଳ, ୩୦।୫(ସମିସ):** କଟକସ୍ଥିତ କଳ୍ପନା ସାହିତ୍ୟ ସାମାଜିକ ପରିଷଦ ଆନୁକୂଲ୍ୟରେ ଉତ୍କଳମଣି ସ୍ମୃତି ସମାରୋହ ଅବସରରେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ପଞ୍ଚାୟତର ସଭାଗୃହରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କବିକବୟିତ୍ରୀ ସମ୍ମିଳନୀକୁ ଲଳିତା ଦାସ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଇଂ ସୁଶାନ୍ତ ବଳ ଯୋଗଦେଇ ଥିଲେ। ପ୍ରଥମେ ଅତିଥିମାନେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ୬୦ ଜଣ କବିକବୟିତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ମନୋଜ ମଞ୍ଜରୀ ଦେଓ ସଂଯୋଜନା କରିଥିଲେ। ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଧାରିତ ଆଲୋଚନାଚକ୍ରରେ ଆଉଥରେ ତୁମେ ଫେରି ଆସ ଶୀର୍ଷକ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା, ସମାଜସେବୀ କସ୍ତୁରୀ ଚରଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ଷଡଙ୍ଗୀ, ସତ୍ୟବାଦୀ ଦାଶ, ସତ୍ୟବାଦୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ପାଲା ଗାୟକ ବିଜୟକୁମାର ପଟ୍ଟନାୟକ, ଶବ୍ଦ ଭାରତୀ, କବି ଦେବଦତ୍ତ ପ୍ରଧାନ, ସତ୍ୟବାଦୀ କଳାସଂସ୍କୃତି ସଂଘ ଉପାଧ୍ୟକ୍ଷ ରମେଶଚନ୍ଦ୍ର ପଲେଇ ଓ ସ୍ଥାନୀୟ ସରପଞ୍ଚ ଦୁଶାସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ କବିକବୟିତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ।



## ବିଦ୍ୟାଳୟ ପାଇଁ ସୁନାମ ଆଣିଲେ ରାଜନନ୍ଦିନୀ



**ଚାରିଛକ, ୩୦।୫(ସମିସ)** ୨୦୨୪ ମସିହା ମାଟ୍ରିକ୍ ପରୀକ୍ଷାରେ ୯୨ ପ୍ରତିଶତ ନମ୍ବର ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜନନ୍ଦିନୀ ତ୍ରିପାଠୀ। ରାଜନନ୍ଦିନୀ ଗୋପ ବ୍ଲକର ବାଳିକାମାନଙ୍କ ମଧ୍ୟରେ ସର୍ବାଧିକ ନମ୍ବର ରଖି ବାଳିକା ଟପ୍ପର ଭାବେ ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ସୂଚନା ଦେଇଛନ୍ତି ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ଦେଈ। ବର୍ଷକ ତଳୁ ପିତା ଆର୍ତ୍ତତ୍ରାଣଙ୍କ ଅକାଳ ବିୟୋଗରେ ଭାଙ୍ଗିପଡ଼ିଥିବା ରାଜନନ୍ଦିନୀ ନିଜର ଅଧ୍ୟବସାୟରେ ଦୃଢ଼ ରହି ସଫଳତା ଲାଭ କରିଛନ୍ତି। ଉଚ୍ଚ ଶିକ୍ଷାରେ ମନୋନିବେଶ କରି ଭବିଷ୍ୟତରେ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜନନ୍ଦିନୀ। ତାଙ୍କର ଏହି ସଫଳତା ପାଇଁ ସେ ମାଆ ନିବେଦିତା ମିଶ୍ର, ଦଦେଇ ରବୀନ୍ଦ୍ର ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜନନ୍ଦିନୀଙ୍କୁ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପର୍ହି, ଏଡିଇଓ ହିମାଂଶୁ ଭୂଷଣ ସମରଥ, ଗୋପ ବିଇଓ ସୁଶୀଳ କୁମାର ବ୍ରହ୍ମା, ବିଆରସିସି ବେଣୁଧର ମଲ୍ଲିକ, ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ଦେଈ, ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ, ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଓ ଶିକ୍ଷକ ବିଜୟ ମୁଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ଭାଇ

**କଣାସ, ୩୦।୫(ସମିସ):** କଣାସ ଥାନା ଅର୍ନ୍ତଗତ ଦୋକନ୍ଦା ପଞ୍ଚାୟତର ଦୋକନ୍ଦା ଗ୍ରାମର ଜୟନ୍ତ ଆଗ୍ରାସିଂହଙ୍କ ପତ୍ନୀ ଝିଲି ଆଗ୍ରାସିଂହ (୩୩) ବୁଧବାର ରାତିରେ ନିଜ ଘରେ ଫ୍ୟାନରେ ନିଜ ଲୁଗା ସାହାଯ୍ୟରେ ଆମ୍ହତ୍ୟା କରିଥିବା ପୁଲିସ୍ ଠାରୁ ପ୍ରକାଶ। ଝିଲିର ଭାଇ ସିଦ୍ଧେଶ୍ୱର ସାହୁ ତାଙ୍କ ଭଉଣୀକୁ ଶଶୁର ଘରଲୋକ ମାରିଦେଇଛନ୍ତି ବୋଲି କଣାସ ଥାନାରେ ଅଭିଯୋଗ କରିଛନ୍ତି। କଣାସ ଥାନା ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଧିରେନ୍ଦ୍ର ଭୋଇ ଏବଂ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅଭିଯୋଗ ପାଇବାପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ପୁରୀରୁ ସାନଣ୍ଟିଫକ୍ ଟିମ୍ ଡକାଇ ତଦନ୍ତ କରିବା ସହିତ କଣାସ ଥାନା କେସ୍ ନଂ ୧୫୭/୨୦୨୪ରେ ମକଦମା ରୁଜ କରି ଝିଲିର ଶବକୁ ବବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଝିଲିର ଶଶୁର ପ୍ରମୋଦ ଆଗ୍ରାସିଂହ କୁହନ୍ତି ବୋହୂ ଝିଲି ଅତ୍ୟାଧିକ ଗରମ ହେତୁ ଦୁଇ ପିଲାଙ୍କୁ ଧରି ଘରଛାତଉପରେ ଶୋଇଥିବା ବେଳେ କିଛି ଦୂରରେ ଶାଶୁ, ଶଶୁର ମଧ ଛାତ ଉପରେ ଶୋଇଥିଲେ। କେତେବେଳେ ଯେ ବୋହୂ ଛାତ ଉପରୁ ଉଠି ନିଜ ଶୋଇବା ଘରକୁ ଆସି କବାଟ ଦେଇ ନିଜ ଲୁଗା ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ଆମ୍ହତ୍ୟା କରିଛି ଆମେ ଜାଣିନାହୁଁ। ସକାଳୁ ଉଠି ଆସି ବୋହୂର ଶୋଇବା ଘର କବାଟ ଭିତରପଟୁ ବନ୍ଦ ରହିଛି। ଆଖପାଖ ପଡ଼ିଶାଲୋକଙ୍କୁ ଡାକି କବାଟ ବନ୍ଦ ରହିଥିବା ସମ୍ପର୍କରେ ଜଣାଇବା ପରେ ପଡ଼ିଶାଲୋକ ଆସି କବାଟ ଖୋଲିବାକୁ ଚେଷ୍ଟା କରିଥିଲେ ମଧ କବାଟ ଖୋଲିନଥିଲା। ବୋହୂର ବାପଘରକୁ ଖବର ଦେବା ସହ କଣାସ ପୁଲିସ୍‌କୁ ଖବର ଦେଇଥିଲୁ। ବୋହୂର ଭଇ ଆସି ପହଞ୍ଚିବା ପରେ କବାଟ ଭାଙ୍ଗି ଝିଲି ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ଓ ତଦନ୍ତପରେ ଯାହାକରାଯିବ କଣାସ ଥାନା ଅତିରିକ୍ତ ଅଧିକାରୀ ଶ୍ରୀଭୋଇ କହିଥିଲେ।

## ଜଙ୍ଗଲବୋରିରେ ଜୋର୍‌ଦାର୍ ପ୍ରଚାର

**ନୟାହାଟ, ୩୦।୫(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତରେ ବିଜେଡି ପକ୍ଷରୁ ଜୋର୍‌ଦାର୍ ପ୍ରଚାର କରାଯାଇଛି। ଗାଁକୁ ଗାଁ ବୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସଭାପତି କାହ୍ନୁଚରଣ ସାହୁ, କାର୍ଯ୍ୟକାରୀ ସଭାପତି କୈଳାସ ସାହୁ, ୱାର୍ଡ ସଭ୍ୟ ମୁନା କାଣ୍ଡି, କାର୍ତ୍ତିକ ବେହେରା, ପରମା ପାତ୍ର, ଜୁଲୁ ସାହୁ, ଲୋଚନ ପାତ୍ର, ରିଣ୍ଟୁ ମହାପାତ୍ର, କାନନ ଓଝାଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମ ବୁଲି ଭୋଟରମାନଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।



## ୯୧ତମ ବାଦିପାଲା ପରିବେଷଣ



**ଡେଲାଙ୍ଗ, ୩୦।୫(ସମିସ):** ଡେଲାଙ୍ଗ ଷ୍ଟେସନ ବଜାର ପରିସରସ୍ଥ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ପାଲାମଣ୍ଡପରେ ୯୧ ତମ ବାଦିପାଲା ପରିବେଷଣ କରାଯାଇଛି। ଗତ ୯୧ବର୍ଷ ଧରି ଚାଲିଆସୁଥିବା ଏହି ବାଦିପାଲାକୁ ବଜାର ପାଲାକମିଟିର ସଦଶ୍ୟମାନେ ସୂଚାରୁରୂପେ ପରିଚାଳନା କରିଆସୁଛନ୍ତି। ଚଳିତ ବର୍ଷ ୨ଟି ପାଲା ମଣ୍ଡଳୀ ସତ୍ୟନାରାରାୟଣ ବାଦିପାଲା ପରିବେଷଣ କରିଛନ୍ତି। କଣାସ କରୁଣ ନଗର ଅଞ୍ଚଳର ତତ୍ୱ ବିଭୂଷଣ ଗାୟକ ଲମ୍ବୋଦର ବେହେରା ଓ କେନ୍ଦ୍ରାପଡ଼ା ପଟାମୁଣ୍ଡାଇ ଅଞ୍ଚଳର ଗାୟକ ରସ ସାଗର ବସନ୍ତ କୁମାର ବେହେରା ପାଲା ପରିବେଷଣ କରିବା ସହିତ ଦର୍ଶକମାନଙ୍କ ମନ ମୋହିଛନ୍ତି। ଗତ ୨୬ତାରିଖ ଠାରୁ ଆରମ୍ଭ ହୋଇଥିବା ବାଦିପାଲା ୫ଦିନ ଧରି ଚାଲିବା ସହିତ ଗୁରୁବାର ରାତିରେ ସମାପ୍ତ ହୋଇଛି। ପାଲା କମିଟିର ସଦଶ୍ୟ ଭାବଗ୍ରାହି ପରିଡ଼ା, ବିନୟ କୁମାର ପରିଡ଼ା, ହୃଷିକେଶ କଅଁର, ସୁରଥ ପରିଡ଼ା, ବିଚିତ୍ରାନନ୍ଦ ମଲ୍ଲିକ, ରଣଜିତ ସାହୁ ପ୍ରମୁଖ ବାଦିପାଲା ପରିଚାଳନାରେ ସହେଯାଗ କରିଥିଲେ।

ବାଲୁଗାଁ ଓ ବାଣପୁର ଅଞ୍ଚଳ ଉତ୍ସବ ମୁଖର

# ବିଭିନ୍ନ ସ୍ଥାନରେ ଭଉଁରି ଯାତ୍ରା

**ବାଲୁଗାଁ, ୩୦।୫(ସମିସ):**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସାଧାରଣ ମଣିଷ ତ୍ରାହି ବିକଳ ହୋଇ ପଡୁଥିବା ବେଳେ ଦେବଦେବୀମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାଁନ୍ତି। ଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁଯାଇ ଦେବାଦେବୀଙ୍କୁ ଉପସମ କରିବା ପାଇଁ ଚନ୍ଦନ ଲାଗି କରିବା ସହ ଜଳକ୍ରୀଡ଼ା କରୁଛନ୍ତି ମାନବ ସମାଜ। ଏହି ପରିପ୍ରେକ୍ଷୀରେ ଗ୍ରୀଷ୍ମ ପ୍ରବାହର ଅକ୍ଷୟ ତୃତୀୟା ଠାରୁ ଠାକୁରମାନଙ୍କୁ ଚନ୍ଦନ ଲାଗି କରାଯାଇ ଆସୁଅଛି। ଏହି ଚନ୍ଦନ ଉତ୍ସବର ଶେଷ ତିନି ଦିନ ଧରି ଭଉଁରୀ ଯାତ୍ରାରେ ପ୍ରଭୁଙ୍କ ଜଳକ୍ରୀଡ଼ା ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି।

ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳର ଦେବାଦେବୀ ପୀଠରେ ସମାରୋହରେ ଚନ୍ଦନ ଯାତ ଉତ୍ସବ ପାଳିତ ହେଉଛି। ବଡ଼କୂଳର ଶ୍ରୀ ଜଗନ୍ନାଥ ଓ ଶ୍ରୀ ଗାଦିଶ୍ୱର ଦେବ, ଚନ୍ଦ୍ରାପୁଟର ବାଳମୁକୁନ୍ଦ ଦେବ, ଜଗତେଶ୍ୱର ସୁବୁଦ୍ଧିପାଟଣା ଓ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ଓ ଶ୍ରୀ ରଙ୍କନାଥ ଦେବ ଆଦି ଦେବଦେବୀଙ୍କ ପିଠରେ ମହା ସମାରୋହରେ ଚନ୍ଦନ ଯାତ ଉତ୍ସବର ଶେଷ ତିନି ଦିନ ଠାକୁରଙ୍କ ଭଉଁରୀ ଯାତ୍ରା ତଥା ଜଳକ୍ରୀଡ଼ା ଦୈନ ଦିନ ସଂଧ୍ୟା ଠାରୁ ଆରମ୍ଭ ହେଉଛି। ବିଭିନ୍ନ ପୀଠରେ ତିନି ଦିନ ଧରି ଜଳକ୍ରୀଡ଼ା ତଥା ଭଉଁରୀ ଯାତ ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେଉଅଛି। ଆଲୋକ ମାଳାରେ ମନ୍ଦିର, ପୁଷ୍କରଣୀ ଚତୁପାର୍ଶ୍ୱ ଓ ଗ୍ରାମ ଦାଣ୍ଡ ଝଲସି ଉଠୁଥିବା ବେଳେ ଲାଲ କୃଷ୍ଣଚୂଡ଼ା ଓ ହଳଦିଆ ସୁନାରୀ ଫୁଲରେ ସୁସଜ୍ଜିତ ଡ଼ଙ୍ଗାରେ ଠାକୁରଙ୍କ ଜଳକ୍ରୀଡ଼ା ଉତ୍ସବ ହେଉଛି। ଜଳାଶୟରେ ପ୍ରଭୁଙ୍କ ଜଳକ୍ରୀଡ଼ା ତଥା ନୌକା ବିହାରରେ ଶ୍ରୀରାମ ଲକ୍ଷ୍ମଣ ସୀତାଙ୍କ ବେଶରେ ନୃତ୍ୟ ପରିବେଷଣ ଦର୍ଶନ କରି ନିଜକୁ ଧନ୍ୟ ମନେ କରୁଛନ୍ତି।

**କଣାସ :** କଣାସ ବ୍ଲକ ଆଳିବାଡ ପଞ୍ଚାୟତର କରମଳାଠାରେ ପ୍ରତିଷ୍ଠିତ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତି ଆନନ୍ଦ ଆଶ୍ରମରେ ଗତ ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଥିବା ଭଉଁରୀ ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ଦିନ ଠାକୁରଙ୍କ ରିତିନିତୀ ସରିବାପରେ ସଂଧ୍ୟା ସମୟରେ ଠାକୁର ଅଭିରାମ ପରମହଂସ ଓ ରାଧାମାଧବଙ୍କ ପ୍ରତିମୂର୍ତ୍ତି ସୁସଜ୍ଜିତ ବିମାନରେ ଶଙ୍ଖ, ମେହଁକାଳି, ବାଦ୍ୟ, ଘଣ୍ଟଣ୍ଟ ଧ୍ୱନି ସହିତ ଛତି, ଆଲଟ, ଚାମର ସେବାସହିତ ଚନ୍ଦନପୋଖରୀକୁ ଯାଇ ପୂର୍ବରୁ ସୁସଜ୍ଜିତ ହୋଇଥିବା ନୈକାରେ ବସି ତିନିଥର ପୋଖରୀ ଚାରିପାଖ ବୁଲି ପୁନଶ୍ଚ ମନ୍ଦିରକୁ ଫେରିଆସନ୍ତି। ଉଦ୍‌ଯାପନ ଉତ୍ସବ ଥିବାରୁ ଠାକୁର ଚନ୍ଦନପୋଖରୀକୁ ଯାଇ ୨୧ଥର ବୁଲିଥିଲେ। ବୁଲିବା ସମୟରେ ଚନ୍ଦନପୋଖରୀ ଚାରିପାଖ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଭକ୍ତ ଠାକୁରଙ୍କ ଜାପଖେଳ ଦେଖିବାସହିତ ଆତସ୍‌ବାଜି ଫୁଟାଇଥିଲେ। ଠାକୁରଙ୍କ ଚାପଖେଳ ସରିବାପରେ ପୁନଶ୍ଚ ପୋଖରୀ କୂଳକୁ ଆସି ନିଜ ନିଜ ବିମାନରେ ବସି ମନ୍ଦିରକୁ ଫେରିଯାଇଥିଲେ। ଆଶ୍ରମର ମୁଖ୍ୟ ବଳରାମ ଦାସ ମହାରଜାଙ୍କ ତତ୍ୱାବଧାନରେ ଆଶ୍ରମରେ ଥିବା ସମସ୍ତ ସାଧୁସନ୍ଥ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




## ୪ରେ ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟ

# ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗରୁମ୍





**ନୟାଗଡ଼, ୩୦।୫(ସମିସ):** ନୟାଗଡ଼ ଜିଲ୍ଲାରେ ନିର୍ବାଚନ ଶେଷ ହୋଇଛି। ନୟାଗଡ଼, ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ସହ ପୁରୀ, କନ୍ଧମାଳ ଏବଂ କଟକ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ସମ୍ପୃକ୍ତ ବିଧାନସଭା ବୁଥ୍‌ଗୁଡ଼ିକରେ ହୋଇଥିବା ନିର୍ବାଚନରେ ବ୍ୟବହୃତ ଇଭିଏମ୍‌ଗୁଡ଼ିକୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ନୟାଗଡ଼ ଜିଲ୍ଲାରେ ୯୩୭ଟି ବୁଥ୍‌ରେ ବ୍ୟବହୃତ ୧୮୭୪ଟି ଇଭିଏମ୍‌କୁ ସୁରକ୍ଷିତ ଭାବେ ରଖାଯାଇଛି। ନୟାଗଡ଼ ଜିଲ୍ଲାରେ ଜିଲ୍ଲାରେ ମୋଟ ୭ ଲକ୍ଷ ୯୭ ହଜାରଙ୍କ ମଧ୍ୟରୁ ମତଦାନ କରିଥିବା ଭୋଟରମାନେ ସେମାନଙ୍କ ନେତାଙ୍କୁ ଜୁନ ୪ ତାରିଖରେ ପାଇବେ ବୋଲି ସ୍ପଷ୍ଟ ହୋଇଛି।

ନୟାଗଡ଼ ଜିଲ୍ଲା ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨୪୬ଟି ବୁଥ୍, ରଣପୁରରେ ୨୪୦ ବୁଥ୍, ଖଣ୍ଡପଡ଼ାରେ ୨୧୭ ବୁଥ୍, ଦଶପଲ୍ଲାରେ ୨୩୪ ବୁଥ୍ ରହିଛି। ଏହି ବୁଥରୁ ନିର୍ବାଚନ ପରେ ପୋଲିଂ କର୍ମଚାରୀଙ୍କ ଦ୍ୱାରା ଆସିଥିବା ଇଭିଏମ୍ ଗୁଡ଼ିକୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରଖାଯାଇଛି। ଏହାକୁ ସୁରକ୍ଷା ଦେବା ପାଇଁ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୨୪ ଘଣ୍ଟିଆ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଏଠାରେ ଓଡ଼ିଶା ପୁଲିସ ସହ କେନ୍ଦ୍ରୀୟ ସୁରକ୍ଷା କର୍ମଚାରୀ ନିୟୋଜିତ ରହିଛନ୍ତି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଚତୁଃପାର୍ଶ୍ୱରେ ସୁରକ୍ଷା କର୍ମଚାରୀ ନିୟୋଜିତ ରହିଥିବା ବେଳେ ନିକଟବର୍ତ୍ତି ରାସ୍ତା ଦେଇ ଯାଉଥିବା ଯାନବାହାନ ଗୁଡ଼ିକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। ରାତିରେ ବ୍ୟାପକ ସୁରକ୍ଷା ଗ୍ରହଣ କରାଯାଉଥିବା ସୂଚନା ମିଳିଛି। ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲା ପ୍ରଶାସନ ଦ୍ୱାରା ନିୟୋଜିତ ଅଧିକାରୀ ପାଳି କରି ଷ୍ଟ୍ରଙ୍ଗରୁମ୍ ଦାୟିତ୍ୱରେ ରହୁଛନ୍ତି।

## ଶାନ୍ତି ବଜାୟ ରଖିବାକୁ ଆହ୍ୱାନ



**ନୟାଗଡ଼, ୩୦।୫(ସମିସ):** ନୟାଗଡ଼ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଅହରହ ଉଦ୍ୟମ ଚାଲିଛି। ଆଜି ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନେତୃତ୍ୱରେ ନୟାଗଡ଼ ବ୍ଲକ ହରିପୁର ଗାଁରେ ଉଭୟ ବିଜେଡି ଓ ବିଜେପି ସମର୍ଥକଙ୍କୁ ନେଇ ଶାନ୍ତି ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଗାଁ ପରିକ୍ରମା କରିବା ସହ ଆଲୋଚନା ବୈଠକରେ ଯୋଗଦେଇ ନିର୍ବାଚନ ପରେ ଭାଇଚାରା ସହ ଚଳିବା ପାଇଁ ଆହ୍ୱାନ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

■ ସୂଚନା ଓ ଲୋକସମ୍ପର୍କ ବିଭାଗ ନିଷ୍କ୍ରିୟ

# ଗଣମାଧ୍ୟମକୁ ମିଳୁନି ନିର୍ବାଚନ ତଥ୍ୟ ଓ ସୂଚନା

**ନୟାଗଡ଼, ୩୦।୫(ସମିସ):**

ନୟାଗଡ଼ ଜିଲ୍ଲା ପ୍ରଶାସନର ମେରୀରାୟ ନୀତି ଏବଂ ସୂଚନା ଲୋକ ସମ୍ପର୍କ ବିଭାଗ ନିଷ୍କ୍ରିୟତା ପାଇଁ ଜିଲ୍ଲାବାସୀ ଅନ୍ଧାରରେ ରହୁଛନ୍ତି। ପ୍ରତ୍ୟେକ ନିର୍ବାଚନ ସମୟରେ ନିର୍ବାଚନ ସମ୍ପର୍କିତ ତଥ୍ୟ ଓ ସୂଚନା ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ପ୍ରଶାସନ ଜିଲ୍ଲାବାସୀଙ୍କୁ ଅବଗତ କରୁଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ଏହାର ବ୍ୟତିକ୍ରମ ଘଟିଛି। ଜିଲ୍ଲାପାଳ ସ୍ୱାଧୀନବେ ସିଂ ନିର୍ବାଚନ ସମ୍ପର୍କିତ ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଆବଶ୍ୟକ ତଥ୍ୟ ଓ ସୂଚନା ଡିଆଇପିଆର୍‌ଓଙ୍କ ଜରିଆରେ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ବାଚନ ଆରମ୍ଭରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମାନ୍ୟତମ ସୂଚନା ମିଳିପାରୁ ନାହିଁ। ନୟାଗଡ଼ ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀରେ ନାମାଙ୍କନ ସମୟରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ସମୟର ସରକାରୀ ତଥ୍ୟ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ନାକେଦମ ହେଉଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଦୌ ଧ୍ୟାନ ଦେଉନାହାନ୍ତି। ମେ ୨୦ ତାରିଖରେ କନ୍ଧମାଳ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ଦଶପଲ୍ଲା ବିଧାନସଭା କ୍ଷେତ୍ର ପାଇଁ ମତଦାନ ହୋଇଥିବା ବେଳେ ମେ ୨୫ ତାରିଖରେ ନୟାଗଡ଼, ରଣପୁର ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ମତଦାନ ହୋଇଥିଲା। କେତେ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହେଲେ, ସେମାନଙ୍କ ମଧ୍ୟରୁ ପୁରୁଷ କେତେ, ମହିଳା କେତେ ଏବଂ କେଉଁ ବୁଥ୍‌ରେ ମତଦାନ ସମୟରେ ସମସ୍ୟା ସୃଷ୍ଟି ହେଲା କି ନାହିଁ। ଏ ସମ୍ବନ୍ଧୀୟ ସୂଚନା ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯିବା କଥା। ମାତ୍ର ନିର୍ବାଚନକୁ ସପ୍ତାହେ ବିତିବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି ସୂଚନା ଗଣମାଧ୍ୟମକୁ ପ୍ରଦାନ କରାଯାଇନାହିଁ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କୁ ବାରମ୍ବାର ଯୋଗାଯୋଗ କରିବାରେ ସେ ନିଜର ଅସମର୍ଥତା ପ୍ରତିପାଦିତ କରୁଛନ୍ତି। ନୟାଗଡ଼ ଜିଲ୍ଲାରେ ଜିଲ୍ଲା ପ୍ରଶାସନର ମେରୀରାୟ ନୀତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିଷ୍କ୍ରିୟତା ପାଇଁ ଜିଲ୍ଲାବାସୀ ଅନ୍ଧାରରେ ରହୁଥିବା ଆଲୋଚନା ହେଉଛି।

■ ଅସହ୍ୟ ଗୁଳୁଗୁଳି ଓ ତାତିରେ ଅସ୍ତବ୍ୟସ୍ତ ଶିଶୁ

# ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା ଦାବି

**ନୟାଗଡ଼, ୩୦।୫(ସମିସ):**

ଅସହ୍ୟ ଗୁଳୁଗୁଳି ଓ ତାତିରେ ମଣିଷ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରିସ୍ଥିତି ଅସମ୍ଭାଳ ହେଉଛି। ରାତିରେ ମଧ୍ୟ ଶାନ୍ତି ମିଳୁନାହିଁ। ନୟାଗଡ଼ ଜିଲ୍ଲାରେ ୪୨ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି। ପ୍ରବଳ ଗରମ ଏବଂ ଉତ୍ତାପ ମଧ୍ୟରେ ଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ସବୁଠାରୁ ବେଶୀ ପରିସ୍ଥିତି ଭୋଗୁଛନ୍ତି କୋମଳମତି ଶିଶୁ। ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା ଶିଶୁମାନେ କଲବଲ ହେଉଥିବା ବେଳେ ଅନେକ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ଗଛମୂଳ ତ କେଉଁଠାରେ ଚାଳ କୁଡ଼ିଆରେ ପାଠ ପଢୁଛନ୍ତି। ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରିଥିବା ବେଳେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଦିନ ସକାଳୁ ଛୋଟ ଛୋଟ ଶିଶୁମାନେ କେନ୍ଦ୍ରକୁ ଯାଇ ଗରମରେ ଶିଝୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ୧୫୮୪ ଅଙ୍ଗନବାଡ଼ି କେନ୍ଦ୍ରରେ ୧୫ ହଜାରରୁ ଉର୍ଦ୍ଧ୍ୱ ଶିଶୁ ପାଠ ପଢୁଥିବା ବେଳେ ସେମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରିବାକୁ ଅଭିଭାବକ ମହଲରୁ ଦାବି ହେଉଛି। ନୟାଗଡ଼ ଜିଲ୍ଲାରେ ଅନେକ ଉପାନ୍ତ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇନାହିଁ। ଅନେକ ସ୍ଥାନରେ ପାନୀୟ ଜଳ, ବିଦ୍ୟୁତ୍ ସୁବିଧା ନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ସମୟରେ ପିଲାଙ୍କୁ ଘରେ ରହିବାକୁ ସୁଯୋଗ ଦିଆଯିବା ବଦଳରେ ଅଙ୍ଗନବାଡ଼ି କେନ୍ଦ୍ରରେ କଲବଲ କରିବାକୁ ଅଭିଭାବକ ନାପସନ୍ଦ କରିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ଖୋଲା ରହିବା ଦ୍ୱାରା ଶିଶୁଙ୍କ ସହ ଆମେ ସବୁଠାରୁ ଅଧିକ ନର୍ଯାତିତ ହେଉଛୁ ବୋଲି ଜଣେ ଅଙ୍ଗନବାଡ଼ି କର୍ମୀ କହିଛନ୍ତି। ପ୍ରତ୍ୟେକ ଦିନ ଶିଶୁଙ୍କୁ ଖାଦ୍ୟ ପ୍ରଦାନଠାରୁ ଆରମ୍ଭ କରି ଆବଶ୍ୟକୀୟ କାମଗୁଡ଼ିକ କରିବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି। ଶିଶୁଙ୍କୁ ଘରେ ଶୁଖିଲା ଖାଦ୍ୟ ପ୍ରଦାନ ବ୍ୟବସ୍ଥା କରି କେନ୍ଦ୍ରକୁ ଛୁଟି ଘୋଷଣା କରିବା ଆବଶ୍ୟକ ବୋଲି କହିଛନ୍ତି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



# କର୍କଟରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ



ଖଣ୍ଡପଡ଼ା, ୩୦।୫(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମର କର୍କଟ ରୋଗରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମର୍ଦ୍ଦରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ସୁକାନ୍ତ ରାଉତଙ୍କ ଜ୍ୟେଷ୍ଠ ପୁତ୍ର ସୁଧୀର କୁମାର ରାଉତ (୪୫) ଦୀର୍ଘଦିନ ଧରି କର୍କଟ ରୋଗରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ସେ ଦୀର୍ଘବର୍ଷ ହେଲା ସମ୍ବଲପୁରସ୍ଥିତ ଏକ ଖବରକାଗଜ ସଂସ୍ଥାରେ ଟେକ୍ନିସିଆନ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ନିକଟସ୍ଥ ଶ୍ମଶାନକୁ ନିଆଯାଇଥିଲା। ମର୍ଦ୍ଦରାଜପୁର ସରପଞ୍ଚଙ୍କ ପ୍ରତିନିଧି ତଥା ସାନଭାଇ ଦୀପକ କୁମାର ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଏବଂ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ଅଂଶୁଘାତରେ ଜଣଙ୍କ ମୃତ୍ୟୁ ଅଭିଯୋଗ

**ଖଣ୍ଡପଡ଼ା, ୩୦।୫(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ସଡ଼କ ସାହିର ବାସିନ୍ଦା ଦେବରାଜ ପାତ୍ରଙ୍କ ପୁତ୍ର ବିରଞ୍ଚିନାରାୟଣ ପାତ୍ରଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ବିରଞ୍ଚି ଘରେ ବସିଥିବା ସମୟରେ ପ୍ରବଳ ଗୁଳୁଗୁଳି ସହ୍ୟ କରି ନପାରି ହଠାତ ଟଳି ପଡ଼ିଥିଲେ। ବହୁ ସମୟ ଧରି ଅଚେତ ଅବସ୍ଥାରେ ପଡ଼ି ରହିବା ପରେ ଆଉ ତାଙ୍କର ଚେତା ଫେରି ନଥିଲା। ପରେ ଜଣାପଡ଼ିଲା ତାଙ୍କର ପ୍ରାଣବାୟୁ ଚାଲିଯାଇଛି। ଏନେଇ ଖଣ୍ଡପଡ଼ା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡା. ଅଭିସାର ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଅଂଶୁଘାତ ମୃତ୍ୟୁ ନେଇ ତାଙ୍କ ପାଖରେ କୌଣସି ସୂଚନା ନଥିବା କହିଛନ୍ତି।

# ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ପାଇଁ ଏସ୍‌ପିଙ୍କ ପରାମର୍ଶ

**ଖଣ୍ଡପଡ଼ା, ୩୦।୫(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋରେ ଶ୍ରୀନୀଳମାଧବଙ୍କ ଉତ୍କଳ ଭଉଁରୀ ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ କଣ୍ଟିଲୋରେ ପହଞ୍ଚି ଚନ୍ଦନ ଯାତ୍ରାର ଶାନ୍ତିଶୃଙ୍ଖଳା ଉପରେ ନଜର ରଖିଥିଲେ। ଏତତ୍‌ବ୍ୟତୀତ ଉପସ୍ଥିତ ଜନସାଧାରଣଙ୍କ ସହିତ ମିଶିବା ପରେ ଅଞ୍ଚଳର ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ନିକଟସ୍ଥ ପୂର୍ତ୍ତଡାକ ବଙ୍ଗଳାଠାରେ ନିର୍ବାଚନ ପରେ ଅଞ୍ଚଳରେ କିଭଳି ହିଂସାକୁ ପ୍ରଶୟ ଦିଆଯିବ ନାହିଁ ସେ ଦିଗରେ ସମସ୍ତେ ସଚେତନ ହେବାପାଇଁ ସ୍ଥାନୀୟ ଜନସାଧାରଣ, ଜନପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏ ଅବସରରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ବିମଳ କିଶୋର ବାରିକ, ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଉପସ୍ଥିତ ରହି ସକ୍ରିୟ ସହଯୋଗ କରିବା ସହିତ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେଇଥିଲେ।



# ଅଂଶୁଘାତରେ ନିଖୋଜ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ଓଡ଼ଗାଁ, ୩୦।୫(ସମିସ):**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ନାଥିଆପଲ୍ଲୀ ଗ୍ରାମର ନିଖୋଜ ବୃଦ୍ଧା ପଙ୍କପାତ୍ର (୬୫)ଙ୍କ ମୃତ ଶରୀର ନିକଟସ୍ଥ ଜାମୁସାହି ପାଣିଟାଙ୍କି ନିକଟରେ ଥିବା ଏକ ବିଲରୁ ଗୁରୁବାର ସକାଳ ୧୧ଟା ବେଳେ ଉଦ୍ଧାର କରାଯାଇଥିଲା। ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାସ୍ଥଳ ବୁଲି ଦେଖିବା ସହିତ ପୁଲିସ୍ ଓ ଡାକ୍ତରଙ୍କ ସହିତ ଆଲୋଚନା କରି ଫେରିଯାଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଓଡ଼ଗାଁଠାରୁ ଭଞ୍ଜନଗର ଯାଇଥିବା ରାସ୍ତାର ଜାମୁସାହି ଶଙ୍ଖ ଉପରକୁ ମୁଡ଼ି କଳ ପାର୍ଶ୍ୱ ଦେଇ ଜଙ୍ଗଲ ଆଡ଼କୁ ଯାଇଥିବା ରାସ୍ତାର ପାଣିଟାଙ୍କି ନିକଟ ବିଲରେ ପଡ଼ିଥିବା ନିଖୋଜ ବୃଦ୍ଧାଙ୍କ ଶବ ସମ୍ପର୍କରେ ଖବର ପାଇ ଓଡ଼ଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଡାକି ଶବ ଚିହ୍ନଟ କରିଥିଲେ। ଅଂଶୁଘାତ ଜନିତ କାରଣରୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହେବା ପରେ ଓଡ଼ଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଶରୀରର ଅନେକ ଅଂଶର ଚମଡ଼ା ସିଝି ଯାଇଥିବା ବେଳେ ଅତ୍ୟଧିକ ଗ୍ରୀଷ୍ମତାପ ଯୋଗୁଁ ପଙ୍କ ପାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଥାଉକି ବୁଧବାର ପଙ୍କ ପାତ୍ର ପୁଅ ସନ୍ତୋଷ ପାତ୍ରଙ୍କ ସହିତ ନୟାଗଡ଼ ଡାକ୍ତରଖାନାକୁ ଯାଇ ଆଖି ଦେଖାଇ ସାରି ବସ୍ ଯୋଗେ ଓଡ଼ଗାଁ ଫେରିଥିଲେ। ବୃଦ୍ଧା ମାଆଙ୍କୁ ଓଡ଼ଗାଁ ମେଡ଼ିକାଲ ଆଗରେ ଏକ ଗଛମୂଳେ ବସାଇ ପୁଅ ସନ୍ତୋଷ କିଛି ବହି ଆଣିବାକୁ ଦୋକାନକୁ ଯାଇଥିଲେ। ୧୫ ମିନିଟ ପରେ ଫେରିଲା ବେଳକୁ ବୃଦ୍ଧା ମାଆଙ୍କୁ ସେଠାରେ ନଦେଖି ସବୁଆଡ଼େ ଖୋଜା ଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ବାଧ୍ୟ ହୋଇ ପୁଅ ସନ୍ତୋଷ ଓଡ଼ଗାଁ ଆଦର୍ଶ ଥାନାକୁ ସୂଚନା ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ପଙ୍କ ପୁଅକୁ ଅପେକ୍ଷା ନକରି ଗାଁ ମୁହାଁ ହୋଇ ଯାଉଥିବା ବେଳେ ଗୋଡ଼ିପଲ୍ଲୀ ନଯାଇ ତା' ପୂର୍ବରୁ ଜାମୁସାହିଠାରୁ ଭୁଲ୍ ରାସ୍ତାରେ ଯାଇଥିଲେ। ଅସହ୍ୟ ତାତି ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଜଣାପଡ଼ିଛି।

## କଣ୍ଟିଲୋ ଚନ୍ଦନ ଯାତ୍ରା

# ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଠାକୁରଙ୍କ ଚାପ ନୀତି ସମ୍ପନ୍ନ





**ଖଣ୍ଡପଡ଼ା/କଣ୍ଟିଲୋ, ୩୦।୫(ସମିସ):**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠରେ ଗତ ମେ ୧୦ ତାରିଖଠାରୁ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥିଲା। ପବିତ୍ର ଅକ୍ଷୟ ତୃତୀୟା ଦିନଠାରୁ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବଜାରସ୍ଥିତ ଚନ୍ଦନ ପୋଖରୀରେ ପୂର୍ବରୁ ଅପେକ୍ଷାରତ ନନ୍ଦା ଓ ଭଦ୍ରା ୨୧ଦିନ ଧରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଗ୍ରହଙ୍କୁ ଜଳକ୍ରୀଡ଼ା କରାଇଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଥିଲା। ତେବେ ବିଗ୍ରହଙ୍କ ରୀତିନୀତି ଅନୁଯାୟୀ କଣ୍ଟିଲୋର ସମସ୍ତ ସାହି ପରିକ୍ରମା କରିବା ସହ ପାରମ୍ପରିକ ଚାଚେରୀ ଭୋଗ ଖିଆ ନୀତି ସମ୍ପନ୍ନ ହୋଇଥିଲା। ବିଶେଷ କରି ଗୁରୁବାର ଅନ୍ତିମ ସନ୍ଧ୍ୟାରେ ପବିତ୍ର ଉତ୍କଳଭଉଁରି ଅବସରରେ ପ୍ରଭୁ ନୀଳମାଧବଙ୍କ କ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ଚନ୍ଦନ ପୋଖରୀକୁ ଆଲୋକ ମାଳାରେ ସାଜସଜ୍ଜା କରାଯାଇଥିଲା। ସନ୍ଧ୍ୟାରେ କଣ୍ଟିଲୋ ବିକାଶ ପରିଷଦ ପକ୍ଷରୁ ସଭାପତି ଯୁଗଳ କିଶୋର ନାୟକ ଏବଂ ସମ୍ପାଦକ ବସନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ଭଜନ ସନ୍ଧ୍ୟା ଦ୍ୱାରା ଭଜନ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ପରେ ରାତ୍ର ୯ଟା ସମୟରେ ସୁସଜ୍ଜିତ ବିମାନରେ ଶ୍ରୀନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ଲକ୍ଷ୍ମୀ ସରସ୍ୱତୀ, ଶିବପାର୍ବତୀଙ୍କୁ ଘଣ୍ଟ, ମୃଦଙ୍ଗ, କାହାଳୀ ବଜାଇ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସେବାୟତମାନେ ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ଠାକୁରଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ୨୧ ଘେରା ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ଚାପ ନୀତି ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଠାକୁରଙ୍କ ଏହି ଚନ୍ଦନ ଯାତ୍ରାରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା, ଯୁବ ସଂଗଠକ ମାଧବ ଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଶିଖରପୁର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ, ସମିତି ପ୍ରତିନିଧି ସରୋଜ କୁମାର ସାହୁ, ପୂର୍ବତନ କଣ୍ଟିଲୋ ସରପଞ୍ଚ ଦେବରାଜ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ ନୟାଗଡ଼ ଏସ୍ପି ରାହୁଲ ଜୈନ କଣ୍ଟିଲୋ ଗସ୍ତରେ ଆସି ଚନ୍ଦନ ଯାତ୍ରା ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଏତତ୍ ବ୍ୟତୀତ ଏସ୍‌ଡିପିଓ ବିମଳ କିଶୋର ବାରିକ, ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଏବର୍ଷ ଜିଲ୍ଲା ପ୍ରଶାସନ ବାଣ ଫୁଟାଇବା ଉପରେ ରୋକ ଲଗାଇଥିବା ସୂଚନା ମିଳିଛି। ତେବେ ଶୁକ୍ରବାର ବାସି ଭଉଁରୀ ଭୋଗ ଲାଗି ହୋଇ ସ୍ୱ-ସ୍ଥାନକୁ ବିଗ୍ରହମାନେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ନିରାକାରପୁର, ୩୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା କମାଗୁରୁ ସରକାରୀ ଉଚ୍ଚବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୩ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ଼ରେ ପାସ୍ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ତରଫରୁ ଅଂଶୁମାନ ଗୁମାନ ସିଂ, ସୂର୍ଯ୍ୟକାନ୍ତ ବେହେରା ଓ ସଙ୍ଗୀତା ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ଆର୍ଶୀବାଦ ପ୍ରଦାନ କରିବା ସହ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ସାମନ୍ତସିଂହାର ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ବରିଷ୍ଠ ନାଗରିକଙ୍କ ମୃତ୍ୟୁ

**ବେଗୁନିଆ, ୩୦।୫(ସମିସ):** ବାଘମାରୀ ଥାନା ଅନ୍ତର୍ଗତ ଭୋଗଡ଼ା ଗ୍ରାମର ଜନାର୍ଦ୍ଦନ ବେହେରା (୮୦) ପୋଖରୀରେ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ ଖସି ମୃତ୍ୟୁବରଣ କରିଥିଲେ। ଭୋଗଡ଼ା ଗ୍ରାମର ଜୋର ପୋଖରୀରେ ଜନାର୍ଦ୍ଦନ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଏଥିରେ ପରିବାରର ସଦସ୍ୟମାନେ ବହୁ ଖୋଜାଖୋଜି କରିବା ପରେ ମୃତକଙ୍କ ଶବ ପୋଖରୀ ପାଣିରେ ଭାସି ଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତାଙ୍କ ମରଶରୀରକୁ ଉଦ୍ଧାର କରି ଅନ୍ତ୍ୟେଷ୍ଟିକ୍ରିୟା ଗ୍ରାମ୍ୟ ଶ୍ମଶାନରେ ସମାପନ ହୋଇଛି।

## ଦେଶୀ ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ବେଗୁନିଆ, ୩୦।୫( ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରି ବିପୁଳ ପୋଚ ଓ ମଦ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖୋର୍ଦ୍ଧା ଜିଲ୍ଲା ସଦର ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ ସାହୁ ଓ ବେଗୁନିଆ ଅବକାରୀ ଥାନା ଉପ ନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ବରପଦା କାଜୁ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖବର ପାଇ ପୁଲିସ ଅତର୍କିତ ଚଢ଼ଉ କରି ୫୯ ଶହ ଲିଟର ପୋଚ ଓ ୫୪୦ ଲିଟର ଦେଶୀ ମଦ ସହ ଆବଶ୍ୟକୀୟ ଉପକରଣ ଜବତ କରି ନଷ୍ଟ କରିଛି। ଏଥିରେ ଦେଶୀ ମଦ ବେପାରୀ ଗଡ଼ମାଣିତିର ଗ୍ରାମର ତ୍ରିନାଥ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭାଇରାଲ ହେଉଛି ବୁଥ୍ ଭିତର ଗଣ୍ଡଗୋଳ ଭିଡିଓ

**ଖୋର୍ଦ୍ଧା, ୩୦।୫(ସମିସ)**



### ପ୍ରଶାନ୍ତଙ୍କ ଆଚରଣକୁ ବୁଦ୍ଧିଜୀବୀଙ୍କ ନିନ୍ଦା

ଗତ ୨୫ତାରିଖରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବୋଲଗଡ଼ ନିର୍ବାଚନ ମଣ୍ଡଳୀ ୧୧୪ନଂ କାଉଁରୀଆପାଟଣା ବୁଥ୍‌ରେ ପ୍ରଶାନ୍ତ ଜଗଦ୍ଦେବ ଭୋଟ ଦେବାକୁ ଯାଇ ପୁଲିଂ ଅଫିସରଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ୍ ଦେବା ଭିଡିଓ ଏବେ ସୋସିଆଲ ମିଡିଆରେ ମୋବାଇଲ ରୁ ମୋବାଇଲ କୁ ଘୁରି ବୁଲୁଛି। ଯାହା ଶ୍ରୀ ଜଗଦ୍ଦେବଙ୍କ ଗିରଫଦାରୀ ପରେ ସାଂସଦ ଅପରାଜିତାଙ୍କ ସଫେଇ ଆଉ ସିସିଟିଭିର ସତ୍ୟତା ନେଇ ଉଠିଛି ପ୍ରଶ୍ନ। ବର୍ତ୍ତମାନ ମୋବାଇଲ୍‌ରେ ଘୁରି ବୁଲୁଥିବା ଗୋଟିଏ ପରେ ଗୋଟିଏ ଭିଡିଓ କ୍ଲିପ୍‌ରେ ଶ୍ରୀ ଜଗଦ୍ଦେବଙ୍କ କାରନାମାକୁ ନେଇ ସବୁ ମହଲ ରେ ନିନ୍ଦା ଆଉ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଥାଉକି, ଗତ ଶନିବାର ୧୧୪ନଂ କାଉଁରୀଆ ପାଟଣା ବୁଥ୍‌ରେ ବିଜେପିର ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ଶ୍ରୀ ଜଗଦ୍ଦେବ ଭୋଟ ଦେବାକୁ ଯାଇ ପୁଲିଂ ଅଫିସରଙ୍କୁ ଧମକ ଦେବା ସହ ସରକାରୀ ସମ୍ପତି ନଷ୍ଟ କରିବା, ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ପରେ ଘଟଣାସ୍ଥଳରୁ ସାଂସଦ ପ୍ରାର୍ଥୀ ଅପରାଜିତାଙ୍କ ସହ ଘଟଣାସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ପୁଲିସ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ବେଗୁନିଆ-ପରିଛଳ ରାସ୍ତାରୁ ଶ୍ରୀ ଜଗଦ୍ଦେବଙ୍କ ଅପରାଜିତାଙ୍କ ଗାଡିରୁ ଧରି ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ କ୍ରମେ ଗିରଫ କରି ଜେଲ ପଠାଇଛି। ତାଙ୍କ ନାମରେ ଲାଗିଥିଲା ୧୬ଟି ସଙ୍ଗୀନ ଦଫା। ବିଜେପି ନେତା କିନ୍ତୁ ଆଇନ କୁ ସମ୍ମାନ ଦେବା ପରିବର୍ତ୍ତେ ଆଇନକୁ ହାତକୁ ନେଇ ରାଜରାସ୍ତାରେ ହରତାଳ କଲେ, ଶ୍ରୀମତୀ ଷଡ଼ଙ୍ଗୀ ଏକ ଏଡିଟିଙ୍ଗ ବା ଅଧା ସିସିଟିଭି ଫୁଟେଜ କୁ ନେଇ ସାମ୍ବାଦିକ ସମ୍ମିଳନୀରେ ପ୍ରଶାନ୍ତ ନିର୍ଦ୍ଦୋଷ ବୋଲି ସଫେଇ ଦେଲେ। ମାତ୍ର ଏବେ ଯୋଉ ଭିଡିଓ କ୍ଲିପ୍ ବର୍ତ୍ତମାନ ମୋବାଇଲରେ ଘୁରି ବୁଲୁଛି, ସେଥିରେ ଶ୍ରୀ ଜଗଦ୍ଦେବଙ୍କ କାଣ୍ଡ ଦେଖି ସମସ୍ତେ ତାଜୁବ। ଆଚରଣ ଉଚ୍ଚାରଣ ଏପରି ଥିଲା ଯେ ପୁଲିଂ ଅଧିକାରୀମାନେ ଭୟଭୀତ, ବୁଥ ଭିତରେ କାହାକୁ ମାରିବାକୁ ଉଦ୍ୟମ କଲେଣି ତ କାହାକୁ ବ୍ୟଙ୍ଗ ଭାଷାରେ କଟାକ୍ଷ କରି ଧମକ ଦେଲେଣି। ଏମିତି କାଣ୍ଡ ଘଟାଇ ବୁଥ୍‌କୁ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲେ ଶ୍ରୀ ଜଗଦେବ। ଏକ ବୁଥ ଭିତରେ ସମର୍ଥକଙ୍କ ସହ ପଶି ଶ୍ରୀ ଜଗଦେବ ଏଭଳି କାଣ୍ଡ ଭିଆଇବା ଘଟଣାକୁ ସର୍ବସାଧାରଣରେ ନିନ୍ଦା କରାଯାଇଛି।

ବିଜେପି ଦଳ ଆଇନର ଦ୍ୱାହି ଦେଇ ବିଭିନ୍ନ ପ୍ରସଙ୍ଗରେ ମତ ରଖୁଥିବା ବେଳେ ଏଠି କିନ୍ତୁ ଦୋମୁହାଁ ନୀତି ଆପଣେଇଛି। ବାଣପୁର ଘଟଣାରେ ଏଇ ପ୍ରଶାନ୍ତ ଜଗଦେବଙ୍କ ସ୍ଥାନ ଜେଲରେ ବୋଲି ଶ୍ରୀମତୀ ଷଡଙ୍ଗୀ ଚିତ୍କାର କରୁଥିବା ବେଳେ ଏଠି କିନ୍ତୁ ଓଲଟା ଯୁକ୍ତି କରି ପ୍ରଶାନ୍ତଙ୍କ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ଶ୍ରୀମତୀ ଷଡଙ୍ଗୀଙ୍କ ଦ୍ୱାରା ପ୍ରେସ ମିଟରେ ଜାରି ହୋଇଥିବା ଭିଡିଓ କ୍ଲିପ୍ ଏକ ପାଖିଆ ଏବଂ ଏଡିଟିଂ। ସିସିଟିଭି ଫୁଟେଜରେ ଏକ ପାଖିଆ ଦୃଶ୍ୟ ରହିଥିବାବେଳେ ମୋବାଇଲ କ୍ଲିପ୍‌ରେ ଆଉ ଏକ ଦୃଶ୍ୟ ରହିଛି। ଯାହାକୁ ନେଇ ଶ୍ରୀମତୀ ଷଡଙ୍ଗୀ ଦେଖାଇଥିବା ସିସିଟିଭି ଦୃଶ୍ୟ ବର୍ତ୍ତମାନ ପ୍ରଶ୍ନ ଘେରରେ।

ସୂଚନା ଯୋଗ୍ୟ, ବିଧାୟକ ପ୍ରାର୍ଥୀ ଶ୍ରୀ ଜଗଦେବ ଏବେ ମେଡିକାଲରେ। ତାଙ୍କ ନାମରେ କେଶ ଚାଲିଛି। ପୂର୍ବରୁ ଥିବା କେଶ ଏପର୍ଯ୍ୟନ୍ତ ଚାଲୁ ରହିଛି। ବାଣପୁର ଘଟଣାରେ ସୁପ୍ରିମ କୋର୍ଟ ତାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଥିଲା।

### କ'ଣ କୁହନ୍ତି ଏମାନେ...



କାଉଁରିପାଟଣା ବୁଥରେ ଗଣ୍ଡଗୋଳ କଲେ ପ୍ରିଜାଇଡିଂ ଅଫିସରଙ୍କ ଅଭିଯୋଗ କ୍ରମେ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପୁଲିସ ଗିରଫ କରିଛି। ସେ ବୁଥ୍ ଭିତରେ ଯେଭଳି ଆଚରଣ କରିଛନ୍ତି ସେ ସମ୍ପର୍କରେ ଭାଇରାଲ ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ଅପରାଜିତା ମାଡାମ ଦେଖାଇଥିବା ଭିଡିଓ ଓ ଭାଇରାଲ ହେଉଥିବା ଭିଡିଓ ଭିନ୍ନ। ମାଡାମ ଦେଖାଇଥିବା ଭିଡିଓ ଏଡିଟିଂ ଭଳି ଲାଗୁଛି। ସେ ଭିଡିଓରେ ସମ୍ପୁର୍ଣ୍ଣ ଦୃଶ୍ୟନାହିଁ। କିନ୍ତୁ ଭାଇରାଲ ଭିଡିଓରେ ଶ୍ରୀ ଜଗଦ୍ଦେବ ପ୍ରିଜାଇଡିଂ ଅଫିସର ସମେତ ଅନ୍ୟମାନଙ୍କୁ ଗାଳିମନ୍ଦ କରୁଥିବା ଦେଖାଯାଇଛି। ବିଗତ ଦିନରେ ସରକାରୀ ଅଧିକାରୀ ଥିବାବେଳେ ପ୍ରିଜାଇଡିଂ ଅଫିସର ଡ୍ୟୁଟି କରିଛୁ। କିନ୍ତୁ ଏଭଳି ବିଶୃଙ୍ଖଳା ସେତେବେଳେ କୌଣସି ପ୍ରାର୍ଥୀ କରୁନଥିଲେ।

**ବିମଳଚନ୍ଦ୍ର ଷଡଙ୍ଗୀ, ସାଧାରଣ ସମ୍ପାଦକ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମହାସଭା**



କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଇଡି ଦ୍ୱାରା ଅଣ-ବିଜେପି ରାଜନୈତିକ ଦଳର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ଗିରଫଦାରୀର ବିରୋଧ ଉପରେ ବିଜେପି ନେତାଙ୍କ ବୟାନ, 'ଯଦି ସେ ନିର୍ଦ୍ଦୋଷ ତେବେ ଡରୁଛନ୍ତି କାହିଁକି? ଆଇନର ଶାସନରେ ସହଯୋଗ କରୁନାହାନ୍ତି କାହିଁକି? ବିଜେପି ନେତା ଗିରଫ ହେଲେ ସେହି ବିଜେପିର ନେତାମାନେ ଗିରଫଦାରୀକୁ ବିରୋଧ କାହିଁକି କରୁଛନ୍ତି। ବୁଥରେ ଗଣ୍ଡଗୋଳ କରି ନିର୍ବାଚନ ପରିଚାଳନା କରୁଥିବା ପ୍ରିଜାଇଡ଼ିଙ୍ଗ ଅଫିସରଙ୍କ ଅଭିଯୋଗ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିଜେପି ବିରୋଧ କରିବା ଆଦୌ ଉଚିତ୍ ନୁହେଁ। ଆଇନକୁ ବିଜେପିର ନେତୃବୃନ୍ଦ ସମ୍ମାନ କରନ୍ତୁ। ବିଧାୟକ ବିଜେଡିରେ ଥିଲା ବେଳେ ଗୁଣ୍ଡା ଓ ଭ୍ରଷ୍ଟାଚାରୀ ଅଥଚ ବିଜେପିରେ ଯୋଗ ଦେଲେ ଭଦ୍ର ଲୋକ କହିବା ବିଜେପି ନେତାଙ୍କଠାରୁ ଜନସାଧାରଣ ଆଶା କରୁନାହାଁନ୍ତି। ଏପରି ପରିସ୍ଥିତିରେ ବିଜେପି ଓଡ଼ିଶାରେ ସରକାର ଗଠନ କଲେ ରାଜ୍ୟରେ ଅରାଜକତା ଦେଖାଦେବ। ଭୋଟରଙ୍କ ବିଶ୍ୱାସ ପ୍ରତି କୁଠାରଘାତ ହେବ। ଆଇନର ଶାସନ ରହିବ ନାହିଁ।

**ରାମଶଙ୍କର, ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା**



ଭାଇରାଲ ଭିଡିଓରୁ ପ୍ରଶାନ୍ତ ଜଗଦ୍ଦେବ ବୁଥ ଭିତରେ ଗୁଣ୍ଡାଗର୍ଦ୍ଦି କରୁଥିବା ସ୍ପଷ୍ଟ ଦେଖାଯାଇଛି। ତଥାପି ତାଙ୍କୁ ଖସାଇବାକୁ ଉଦ୍ୟମ କରିବାକୁ ଯାଇ ଏକ ଜାତୀୟ ଦଳ ଏତେ ତଳକୁ ଖସିଯାଉଛି। ଯାହା ଅତ୍ୟନ୍ତ ଲଜ୍ୟାଜନକ ବିଷୟ। ପ୍ରଶାନ୍ତଙ୍କ ଭଳି ଅପରାଧିଙ୍କ ସମେତ ତାଙ୍କୁ ନିଜ ଗାଡିରେ ବସାଇ ଖସାଇବାରେ ସହଯୋଗ କରୁଥିବା ସାଂସଦ ପ୍ରାର୍ଥୀ ମଧ୍ୟ ଜଣେ ଅପରାଧି। ତେଣୁ ତାଙ୍କ ଉପରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**ରାଧାମୋହନ ପ୍ରଧାନ, ଖୋର୍ଦ୍ଧା ବାସିନ୍ଦା**

## ରାମଦୟା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନିରାକାରପୁର, ୩୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରାମଦୟା ପରିଷଦ ଆନୁକୂଲ୍ୟରେ ରାମ ମନ୍ଦିରରେ ଚାଲିଥିବା ଚନ୍ଦନ ପାଳିର ଶେଷ ଦିବସରେ ଏକ ଆଧାତ୍ମିକ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମକୁ ରାମଦୟା ପରିଷଦଙ୍କ ସଭାପତି ଅଧ୍ୟାପକ ଡ ମୃତ୍ୟୁଞ୍ଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୋଟା ମଠ ମହନ୍ତ ଗୋବିନ୍ଦ ଦାସ ମହାରାଜ ଯୋଗଦେଇ ଭଗବାନଙ୍କ ନିକଟରେ ଶାନ୍ତି ଓ ଆନନ୍ଦ ରହିଛି ବୋଲି ମତବ୍ୟକ୍ତ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଉପସଭାପତି ସତ୍ୟବାଦୀ ବଳବନ୍ତରାୟ, ଉପସଭାପତି ସାରଙ୍ଗଧର ବଳିଆରସିଂହ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବାହୁବଳେନ୍ଦ୍ର ଓ ଲକ୍ଷ୍ମୀଧର ଦଳେଇ ପ୍ରମୁଖ ଯୋଗଦେଇ ଆଧାଇିକ ଚିନ୍ତାଧାରା ରହିଲେ ସମାଜରେ ବୃହତ୍ ପରିବର୍ତ୍ତନ ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚନ୍ଦନ ପାଳିରେ ସମ୍ପୃକ୍ତ ଗାୟକ, ବାୟକ୍ ଓ ମନ୍ଦିରର ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ସାମିଲ ହୋଇ ସହଯୋଗ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାମଦୟା ପରିଷଦ ପରିଷଦର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

## ଚାପ ଖେଳିଲେ ବାବା ହଟ୍ଟକେଶ୍ୱର

**ବେଗୁନିଆ, ୩୦।୫(ସମିସ):** ପବିତ୍ର ଭଉଁରୀ ଯାତ୍ରା ଅବସରରେ ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ଗ୍ରାମ ସ୍ଥିତ ବାବା ହଟ୍ଟକେଶ୍ୱର ତଥା ଏକାଦଶ ରୁଦ୍ରଙ୍କ ପୀଠରେ ଚାପ ଖେଳିଛନ୍ତି। ସ୍ଥାନୀୟ ମନ୍ଦିର ଟ୍ରଷ୍ଟି ବୋର୍ଡର ସଦସ୍ୟ ରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁଯାୟୀ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇଁ ବାବା ହଟ୍ଟକେଶ୍ୱର ମନ୍ଦିର ସଂଲଗ୍ନ ପୋଖରୀ ଭିତରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଧରି ଚାପ ଖେଳ ହୋଇଥାଏ। ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ମାଣିବନ୍ଧ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ବାବା ହଟ୍ଟକେଶ୍ୱର ଶ୍ରଦ୍ଧାଳୁଙ୍କ ଗହଣରେ ହୁଳହୁଳି, ହରିବୋଲ ଓ ଖୋଳ ତାଳ ଧ୍ୱନିରେ ପ୍ରକମ୍ପିତ କରି ସୁସଜ୍ଜିତ ଡଙ୍ଗାରେ ବିରାଜମାନ କରି ସାତ ଘେରା ଚାପ ଖେଳରେ ପ୍ରଦକ୍ଷିଣ କରି ମନ୍ଦିର ଗୃହକୁ ଫେରି ଯାଇଥାନ୍ତି। ଏଥିରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ହାଡୁବନ୍ଧୁ ମହାପାତ୍ର, ସମିତି ସଭ୍ୟ ନବନିତା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସାମନ୍ତରାୟ, ସମାଜସେବୀ ମଧୁସୁଦନ ସୁବୁଦ୍ଧି ଓ ପ୍ରେମାନନ୍ଦ ମହାନ୍ତି ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭାପତି ଗୋପୀନାଥ ମହାପାତ୍ର, ସମ୍ପାଦକ ସୁରେଶ ପଣ୍ଡା ଓ କୋଷାଧ୍ୟକ୍ଷ ଅକ୍ରୁର ରଣା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଥାନା ଉପନିରୀକ୍ଷକ ଚନ୍ଦନ ଦାସଙ୍କ ତତ୍ତ୍ୱାବଧାନରେ ପୁଲିସ ବଳ ନିୟୋଜିତ ହୋଇଥିଲେ।



## ଟ୍ରକ୍-ବଲେରୋ ଧକ୍କା: ଡ୍ରାଇଭର ଆହତ

**ନିରାକାରପୁର, ୩୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବଜାରରେ ଗୁରୁବାର ଭୋରୁ ରାମ ମନ୍ଦିର ନିକଟରେ ଏକ ଚିପିସ ବୋଝେଇ ଟ୍ରକ୍ ସହିତ ବୋଲେରୋ ଧକ୍କା ହୋଇଛି। ଏଥିରେ ଡ୍ରାଇଭର ଜଣଙ୍କ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ କି ଚିପିସ ଲୋଡ କରି ଆସୁଥିବା ଟ୍ରକ୍ ନଂ ଓ ଡି ୦୨ ଏଡି ୭୯୮୮ ସହିତ ରାମେଶ୍ୱର ଆଡ଼କୁ ଯାଉଥିବା ବୋଲେରୋ ନଂ ଓଡି ୦୨ -ଏମ ୭୧୬୭ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଏଥିରେ ବୋଲେରୋର ଆଗ ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ଡ୍ରାଇଭର ଅର୍ଜୁନ ପ୍ରଧାନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ କେସ ନଂ ୧୪୪/୨୪ ରେ ଟ୍ରକ୍ ବିରୋଧରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ଦିପଲିସା ନାୟକ ଜଣାଇଛନ୍ତି।

## ମତ୍ସ୍ୟଜୀବୀଙ୍କ ସହିଦ ଦିବସ

**ବାଲୁଗାଁ, ୩୦।୫ (ସମିସ):** ୧୯୯୯ ମସିହାରେ ସୋରଣ ଗୁଳି କାଣ୍ଡରେ ଜଣେ ମହିଳା ସମେତ ୬ଜଣ ମତ୍ସ୍ୟଜୀବୀ ସହିଦ ହୋଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ମଇ ୨୯ ତାରିଖରେ ଚିଲିକା ମତ୍ସ୍ୟଜୀବୀମାନେ ସହିଦ ଦିବସ ପାଳନ କରି ଆସୁଛନ୍ତି। ଏହି ପରିପ୍ରେକ୍ଷିରେ ବୁଧବାର ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମଠାରେ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ଗଣପରିଷଦ ଅନୁଷ୍ଠାନ ଆନୁକୂଲ୍ୟରେ ସହିଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚିଲିକା ଓ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହିଦ ମତ୍ସ୍ୟଜୀବୀଙ୍କ ଜୀବନ ବ୍ୟର୍ଥ ଯିବ ନାହିଁ, ତାଙ୍କର ନୀତି ଶିକ୍ଷା ଚିଲିକା ଆନ୍ଦୋଳନକୁ ଉଜ୍ଜୀବିତ କରିବାରେ ଆମ ପାଇଁ ସହାୟକ ହୋଇଛି ବୋଲି ମତ୍ସ୍ୟଜୀବୀ ନେତା ତଥା ସଂଘ ସମ୍ପାଦକ ଭୀମସେନ ବେହେରା ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଭଞ୍ଜ କିଶୋର ବେହେରା, ଉପଦେଷ୍ଟା ମଣ୍ଡଳୀ ଗୋବିନ୍ଦ ଜାଲି, ନାରାୟଣ ବେହେର, ଧର୍ମାନନ୍ଦ କେଉ, ଦୁଃଖିଶ୍ୟାମ୍ ବେହେରା, ପ୍ରକାଶ ବେହେରା, ଗାଜଲ୍ ବେହେରା, ଗୋଲେଖ ବେହେରା ପ୍ରମୁଖ ସମ୍ୟକ୍ ଭାଷଣ ମାଧ୍ୟମରେ ଶହିଦ ପରିବାର, ସଙ୍ଗଠନ ଓ ଚିଲିକା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।





ଦେବକୀ ବେହେରା, ବାନମ୍ବର୍ କେଉ, ପ୍ରଦୀପ ଦାସ, ମୋହନ ବେହେରା, ରଙ୍କନଥ ଜାଲି, ଲକ୍ଷ୍ମୀଧର ବେହେରା ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅସଦାଚରଣ ଅଭିଯୋଗରେ ଗିରଫ

**ନିରାକାରପୁର, ୩୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଓରବରସିଂହ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଜଣେ ୪ ବର୍ଷ ବୟସର ଝିଆରୀକୁ ଅସଦାଚରଣ କରିଥିବା ଅଭିଯୋଗରେ ସମ୍ପର୍କୀୟ ଦାଦା ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଝିଆରୀ ଜଣକ ଗତ ୨୮ ତାରିଖରେ ଖେଳୁଥିବା ପାଣି କାଦୁଅ ହୋଇଯାଇଥିଲା। ଏହି ସମୟରେ ବଳରାମ ସେଠୀ ତାକୁ ଅସଦାଚରଣ କରିଥିବା ଝିଅର ପିତା ଦେଇଥିବାରୁ ଜଂକିଆ ଥାନା ପୁଲିସ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଅତ୍ୟଧିକ ମାରପିଟ୍ କରି ଥିବା ନେଇ ପାଲଟା ଅଭିଯୋଗ ବଳରାମ ନିରଞ୍ଜନ ସେଠୀଙ୍କ ନାମରେ କରିଥିବା ଜଂକିଆ ପୁଲିସ ଆଇଆଇସି ପ୍ରଜ୍ଞା ରିତମ୍ଭରା କରଙ୍କ ଠାରୁ ସୂଚନା ମିଳିଛି। ଏ ନେଇ ଥାନାରେ ଦୁଇଟି କେସ ନଂ ୧୯୨ ଓ ୧୯୩/୨୪ ହୋଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି।

# ବିଦ୍ୟୁତ୍ ବିଭ୍ରାଟ ପାଇଁ କାର୍ଯ୍ୟାଳୟ ଘେରାଉ

### ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ଅଧିକାରୀ



**ନିରାକାରପୁର, ୩୦।୫(ସମିସ)**

ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୫ଟି ପଞ୍ଚାୟତର ଲୋକ ପ୍ରତିନିଧି ଓ ବିଦ୍ୟୁତ୍ ଉପଭୋକ୍ତାମାନେ ଗୁରୁବାର ପୂର୍ବାହ୍ନ ୧୧ ଟା ବେଳେ ଏକଜୁଟ ହୋଇ ବିଭିନ୍ନ ସମସ୍ୟା ନେଇ ଜଂକିଆ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଏକ ଘଣ୍ଟା ପାଇଁ ଘେରାଉ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ସହିତ ଆଲୋଚନା କରି ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଏହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ୟକ୍ତ ଲୋକମାନେ କାର୍ଯ୍ୟାଳୟ ଛାଡ଼ି ଚାଲିଯାଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ବିଦ୍ୟୁତ୍ ସଂଯୋଗ ଖୋର୍ଦ୍ଧା ଜଂକିଆ ପଟୁ ପୂର୍ବରୁ ହୋଇଥିବା ବେଳେ ୩ ମାସ ହେବ ଏହାକୁ ବିଚ୍ଛିନ୍ନ କରି ସରପାରୀ, ଅଚ୍ୟୁତପୁର, ଟାଙ୍କୋଳ, ଛଣଗିରି ଓ ହଜ ପଞ୍ଚାୟତକୁ ଚାନ୍ଦପୁର ପାରୁ ୩୩ କେଭି ବିଦ୍ୟୁତ୍ ସହିତ ସଂଯୋଗ କରାଯାଇଛି। ତେଣୁ ବର୍ତ୍ତମାନ ଲୋ-ଭୋଲଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ ବାରମ୍ବାର ହେଉଛି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଏହି ବିଦ୍ୟୁତ୍ ସଂଯୋଗକୁ ପୁନର୍ବାର ଜଂକିଆ ୩୩ କେଭି ବିଦ୍ୟୁତ୍ ସହିତ ସଂଯୋଗ କରି ନିରବିଚ୍ଛିନ୍ନ ବିଦ୍ୟୁତ୍ ସରବରାହର ବ୍ୟବସ୍ଥା କରାଯାଉ। ଏହି ସବୁ ବିଷୟରେ ଜଂକିଆ ଏସଡିଓ ଘେରାଉ କରିଥିବା ଲୋକଙ୍କୁ ସହିତ ଆଲୋଚନା କରି ଏହି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ କହିଥିଲେ। ଏହି ଆନ୍ଦୋଳନରେ ଅଚ୍ୟୁତପୁର ସରପଞ୍ଚଙ୍କ ପ୍ରତିନିଧି ଟଙ୍କଧର ମହାପାତ୍ର, ଟାଙ୍କୋଳ ସରପଞ୍ଚ ବିରେଶ କୁମାର ରାଜଗୁରୁ, ହଜ ସରପଞ୍ଚଙ୍କ ପ୍ରତିନିଧି ପୁଲକ୍ ବଡ଼ଜେନା, ସରପାରୀ ସରପଞ୍ଚ ପ୍ରଭାତ କୁମାର ଦାସ, ଟାଙ୍କୋଳ ସମିତି ସଭ୍ୟ ରତ୍ନାକର ସାହୁ ପ୍ରମୁଖଙ୍କ ସମେତ ବହୁ ଉପଭୋକ୍ତା ଉପସ୍ଥିତ ଥିଲେ।



## ରାତି ୧୦ ପରେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ



**ଟାଙ୍ଗୀ, ୩୦।୫(ସମିସ):** କୌଣସି ପ୍ରକାର ରାଜନୈତିକ ହିଂସାକୁ ଦୃଷ୍ଟିରେ ରଖି ଚାନ୍ଦପୁର ପୁଲିସ ଆସନ୍ତା ପାଞ୍ଚ ତାରିଖ ପର୍ଯ୍ୟନ୍ତ ଅଞ୍ଚଳରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ରାତି ୧୦ ଟା ପରେ ବନ୍ଦ ରଖିବାକୁ ଡାକବାଜି ଯନ୍ତ୍ରରେ ଘୋଷଣା କରିଥିବା ଜଣାପଡ଼ିଛି। ଏପରିକି ଏକାଧିକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକାଠି ହୋଇପାରିବେ ନାହିଁ ବୋଲି ମଧ୍ୟ ଘୋଷଣା କରାଯାଇଛି।

ଆସନ୍ତା ୪ ତାରିଖରେ ଭୋଟ ଗଣତି ଦିନ ଧାର୍ଯ୍ୟ ଥିବାରୁ କୌଣସି ପ୍ରକାର ରାଜନୈତିକ ହିଂସାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ କରାଯାଇଥିବାରୁ ଜନସାଧାରଣ ବ୍ୟବସାୟୀ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

